ODISHA POLICE
STATE HEADQUARTERS
CUTTACK.

---

# ପ୍ରେସ୍ ନୋଟ୍
## ୨୯.୦୮.୨୦୨୩

ଜାତୀୟ କ୍ରୀଡା ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ପୋଲିସକୁ ସମ୍ମାନଜନକ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟରେ କ୍ରୀଡା ଏବଂ ଖେଳର ବିକାଶରେ ରାଜ୍ୟ ପୋଲିସର ଅବଦାନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ ସମ୍ମାନ ହେଉଛି ବିଜୁ ପଟ୍ଟନାୟକ ସମ୍ମାନ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ଆର. କେ. ଶର୍ମା ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ସର୍ବଭାରତୀୟ ପୋଲିସ ଚମ୍ପିୟନସିପରେ ଓଡିଶା ପୋଲିସ ୩୦ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିରନ୍ତର ସଫଳତା ହାସଲ କରିଚାଲିଛି। ୨୦୨୨-୨୩ ଏବଂ ୨୦୨୩-୨୪ ମସିହାରେ ଓଡିଶା ପୋଲିସ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ "ଯୋଗ" ରେ ୦୬ ଟି, "ପେନକାକ୍ ସିଲାଟ" ରେ ୦୧ ଟି , "ପାୱାର ଲିଫ୍ଟିଂ"ରେ ୦୪ ଟି ସ୍ୱର୍ଣ୍ଣ ପଦକ ସହ ସର୍ବମୋଟ ୧୧ ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

ସେହିପରି "ଯୋଗ"ରେ ୦୪ଟି, "କରାଟେ" ରେ ୦୩ ଟି , "ଜିମ୍ନାଷ୍ଟିକ"ରେ ୦୧ ଟି, "ୱେଟ ଲିଫ୍ଟିଂ" ରେ ୦୧ ଟି , "ପାୱାର ଲିଫ୍ଟିଂ" ରେ ୦୧ ଟି, "ସୁଟିଙ୍ଗ"ରେ ୦୧ ଟି, "ବ୍ୟାଣ୍ଡ" ରେ ୦୧ଟି , "ଆଥଲେଟିକ୍ସ" ରେ ୦୧ଟି ରୌପ୍ୟ ପଦକ ସହ ଓଡିଶା ପୋଲିସ ସର୍ବମୋଟ ୧୩ ଟି ରୌପ୍ୟ ପଦକ ଲାଭ କରିଥିଲା।

ସେହିପରି "ପେନକାକ୍ ସିଲାଟ" ରେ ୦୨ ଟି, "କରାଟେ" ରେ ୦୨ ଟି, "ପାୱାର ଲିଫ୍ଟିଂ" ରେ ୦୧ ଟି, ବନ୍ଧୁକ ଚାଳନାରେ ୦୧ ଟି, "ବ୍ୟାଣ୍ଡ" ରେ ୦୧ ଟି, ହକି (ପୁରୁଷ) ବର୍ଗରେ ୦୧ ଟି, ହକି (ମହିଳା) ବର୍ଗରେ ୦୧ ଟି ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏହିପରି ଓଡିଶା ପୋଲିସ ସର୍ବମୋଟ ୦୯ ଟି ବ୍ରୋଞ୍ଜ ପଦକ ଲାଭ କରିଥିଲା।

ଓଡିଶା ପୋଲିସ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ସର୍ବମୋଟ ୩୩ ଗୋଟି ପଦକ ହାସଲ କରିଥିଲା । ସେହିପରି ଓଡିଶା ପୋଲିସ "ପାୱାର ଲିଫ୍ଟିଂ" ରେ ଚମ୍ପିୟାନ୍ ଏବଂ "ଯୋଗ" ପ୍ରତିଯୋଗିତାରେ ରନର୍ସଅପ୍ ହୋଇଥିଲା ।

୨୦୨୩-୨୪ ମସିହାରେ ମାଲଦୀପରେ ଅନୁଷ୍ଠିତ ହୋଇଥିବା ୧୩ତମ ସାଉଥ ଏସିଆନ ବଡିବିଲଡିଙ୍ଗ ଚମ୍ପିୟାନସିପରେ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ବଲାଲ ଖାନ, ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ଭୁବନେଶ୍ୱର UPD ର ଚିନ୍ମୟୀ ଭୂୟାଁ କାନାଡା ରେ ଅନୁଷ୍ଠିତ ହୋଇଥିବା "କରାଟେ" ପ୍ରତିଯୋଗିତାରେ ୦୨ ଟି ସ୍ୱର୍ଣ୍ଣ ପଦକ ହାସଲ କରି ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି ।

୨୨/୦୬/୨୩.

ଲୋକ ସମ୍ପର୍କ ଅଧିକାରୀ